# NATIONAL NEWS BULLETIN (ODIA)

**15 October - 2024**

**Morning Bulletin : 7.15 a.m.**

**********************************

## ମୁଖ୍ୟ ସମ୍ବାଦ

- ଅଭିବୃଦ୍ଧି ଏବଂ ପୁଞ୍ଜିନିବେଶ ସୁଯୋଗ ବୃଦ୍ଧି ପାଇଁ ମେକ୍ ଇଣ୍ଡିଆ ଅଭିଯାନରେ ସାମିଲ ହେବାକୁ ଆଲ୍‌ଜେରିଆକୁ ଆମନ୍ତ୍ରଣ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆନ୍ତର୍ଜାତିକ ଟେଲି ଯୋଗାଯୋଗ ସଂଘ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଆଜିଠାରୁ ଦୁଇ ଦିନିଆ ଇସଲାମାବାଦ ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ।
- ଭାରତରେ ଅବସ୍ଥାପିତ କାନାଡ଼ାର କାର୍ଯ୍ୟକାରୀ ଉଚ୍ଚାୟୁକ୍ତ ସମେତ ୬ ଜଣ କୂଟନୀତିଜ୍ଞଙ୍କୁ ବହିଷ୍କାର କଲା ଭାରତ ।

ଏବଂ

- ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ପାକିସ୍ତାନକୁ ହରାଇ ସେମିଫାଇନାଲ୍‌ରେ ନ୍ୟୁଜିଲାଣ୍ଡ ।

– ବିଶ୍ୱକପ୍‌ରୁ ବାଦ୍ ପଡ଼ିଲା ଭାରତୀୟ ମହିଳା କ୍ରିକେଟ୍ ଦଳ ।

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତ ଓ ଆଲଜେରିଆ ମଧ୍ୟରେ ଅର୍ଥନୈତିକ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି। ଆଲଜେରିଆର ରାଜଧାନୀ ଆଲଜିୟର୍ସଠାରେ ଆୟୋଜିତ ଆଲଜେରିଆ-ଭାରତ ଅର୍ଥନୈତିକ ଫୋରମକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ୱିପାକ୍ଷିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଲଜେରିଆ, ମୌରିଟାନିଆ ଏବଂ ମାଲଓ୍ୱି ଗସ୍ତରେ ଯାଇ ଆଲଜିୟର୍ସରେ ଅଛନ୍ତି।

ଆଲଜେରିଆ-ଭାରତ ଅର୍ଥନୈତିକ ମଞ୍ଚକୁ ସମ୍ବୋଧିତ କରି ଶ୍ରୀମତୀ ମୁର୍ମୁ କହିଛନ୍ତି, ଆଲଜେରିଆ ନେତୃବୃନ୍ଦଙ୍କ ସହ ବିଭିନ୍ନ ଆଲୋଚନାରେ ଏହା ସ୍ପଷ୍ଟ ହୋଇଛି ଯେ ଆଲଜେରିଆ ଅଭିବୃଦ୍ଧି ଏବଂ ପୁଞ୍ଜିନିବେଶ ସୁଯୋଗ ବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ । ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ସାମିଲ ହେବାକୁ ରାଷ୍ଟ୍ରପତି ଆଲଜେରିଆର କମ୍ପାନିମାନଙ୍କୁ ଏହି ଅବସରରେ ଆମନ୍ତ୍ରଣ କରିଛନ୍ତି। ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଲଜେରିଆ ଗସ୍ତର ତୃତୀୟ ଦିନ ହୋଇଥିବାରୁ ରାଷ୍ଟ୍ରପତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ରାଷ୍ଟ୍ରପତି ପୁଷ୍ପମାଲ୍ୟ ଅର୍ପଣ କରିବେ ।

# ପ୍ରଧାନମନ୍ତ୍ରୀ-ଆଇଟିୟୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆନ୍ତର୍ଜାତିକ ଟେଲିକମ୍ୟୁନିକେସନ୍ ୟୁନିୟନର ୱାର୍ଲ୍ଡ ଟେଲିକମ୍ୟୁନିକେସନ୍ ଷ୍ଟାଣ୍ଡାର୍ଡାଇଜେସନ୍ ସମ୍ମିଳନୀ ୨୦୨୪କୁ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୪ର ଅଷ୍ଟମ ସଂସ୍କରଣକୁ ମଧ୍ୟ ଉଦ୍‌ଘାଟନ କରିବେ ।

ଡବ୍ଲ୍ୟୁଟିଏସ୍ଏ ହେଉଛି ଇଣ୍ଟରନ୍ୟାସନାଲ ଟେଲି-କମ୍ୟୁନିକେସନ ୟୁନିୟନ, ୟୁନାଇଟେଡ୍ ନେସନ୍ସ ଏଜେନ୍ସି ଫର ଡିଜିଟାଲ ଟେକ୍ନୋଲୋଜିର ମାନକୀକରଣ ପାଇଁ କାର୍ଯ୍ୟ କରୁଥିବା ଏକ ସମ୍ମିଳନୀ, ଯାହା ପ୍ରତି ଚାରି ବର୍ଷରେ ଆୟୋଜନ କରାଯାଏ ।

ଏହି ସମ୍ମିଳନୀ ସିକ୍ସ ଜି, ଏଆଇ, ଆଇଓଟି, ବିଗ୍ ଡାଟା, ସାଇବର ସିକ୍ୟୁରିଟି ଇତ୍ୟାଦି ପରବର୍ତ୍ତୀ ପିଢ଼ିର ଗୁରୁତ୍ୱପୂର୍ଣ୍ଣ ଜ୍ଞାନକୌଶଳର ମାନଦଣ୍ଡ ଉପରେ ଆଲୋଚନା ଏବଂ ନିଷ୍ପତ୍ତି ଗ୍ରହଣ ଲାଗି ସୁଯୋଗ ପ୍ରଦାନ କରିବ ।

# ଜୟଶଙ୍କର ଏସ୍‌ସିଓ

ସାଂଘାଇ ସହଯୋଗ ସଂଗଠନ – ଏସ୍.ସି.ଓ. ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଆଜି ଦୁଇ ଦିନିଆ ଇସଲାମାବାଦ ଗସ୍ତରେ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ପୂର୍ବରୁ

ମନ୍ତବ୍ୟ ଦେଇଥିଲେ ଯେ ତାଙ୍କ ପାକିସ୍ତାନ ଗସ୍ତ ଏକ ବହୁପକ୍ଷୀୟ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ତେଣୁ ଏହି ଗସ୍ତ ସମୟରେ କୌଣସି ଦ୍ୱିପାକ୍ଷିକ ଆଲୋଚନା ହେବ ନାହିଁ। ଗତ ୯ ବର୍ଷ ମଧ୍ୟରେ କୌଣସି ଭାରତୀୟ ବୈଦେଶିକ ମନ୍ତ୍ରୀଙ୍କ ଏହା ପ୍ରଥମ ଉଚ୍ଚସ୍ତରୀୟ ପାକିସ୍ତାନ ଗସ୍ତ ହେବ।

## ଶାହା-ଆଇପିଏସ୍ ଆଲୋଚନା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ଭାରତୀୟ ପୁଲିସ ସେବା ପ୍ରୋବେସନରଙ୍କ ସହ ଆଲୋଚନା କରିବେ। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ପ୍ରୋବେସନାରୀ ଅଧିକାରୀମାନେ ସେମାନଙ୍କ ପ୍ରଶିକ୍ଷଣ ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିବେ । ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ସହ ଜଡ଼ିତ ଆହ୍ୱାନର ମୁକାବିଲା ପାଇଁ ଅଧିକାରୀମାନଙ୍କୁ ଶ୍ରୀ ଶାହା ମାର୍ଗଦର୍ଶନ କରିବେ।

ଭାରତୀୟ ପୋଲିସ ସେବା ୨୦୨୩ ବ୍ୟାଚରେ ୫୪ ଜଣ ମହିଳା ଅଧିକାରୀଙ୍କ ସମେତ ମୋଟ୍ ୧୮୮ ଜଣ ଅଧିକାରୀ ପ୍ରଶିକ୍ଷାର୍ଥୀ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ କରିଛନ୍ତି ।

## ଭାରତ-କାନାଡ଼ା

ଭାରତରେ ଅବସ୍ଥାପିତ କାନାଡ଼ାର କାର୍ଯ୍ୟକାରୀ ଉଚ୍ଚାୟୁକ୍ତ ଷ୍ଟୁଆର୍ଟ ରସ୍ ହ୍ୱିଲରଙ୍କ ସମେତ ଅନ୍ୟ ୬ ଜଣ କୂଟନୀତିଜ୍ଞଙ୍କୁ ବହିଷ୍କାର କରାଯାଇଛି। ଡେପୁଟି ହାଇକମିଶନର ପ୍ୟାଟ୍ରିକ୍ ହେବର୍ଟ, ପ୍ରମୁଖ ସଚିବ ମେରି କ୍ୟାଥରିନ ଜୋଲି, ଲାନ ରସ୍ ଡେଭିଡ୍ ଟ୍ରିଟ୍ସ, ଆଡାମ ଜେମ୍ସ ହୁଇପ୍ଲ ଏବଂ ପୌଲା ଓର୍ଜୁଏଲାଙ୍କୁ ମଧ୍ୟ ବହିଷ୍କାର କରାଯାଇଛି। ଅକ୍ଟୋବର ୧୯ ସୁଦ୍ଧା କିମ୍ବା ଏହା ପୂର୍ବରୁ ସେମାନଙ୍କୁ ଭାରତ ଛାଡ଼ିବାକୁ କୁହାଯାଇଛି।

କାନାଡ଼ାରେ ଅବସ୍ଥାପିତ ଉଚ୍ଚାୟୁକ୍ତ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଭାରତ ପ୍ରତ୍ୟାହାର କରିଛି । ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବର୍ତ୍ତମାନର କାନାଡା ସରକାରଙ୍କ ପ୍ରତିବଦ୍ଧତା ଉପରେ ବିଶ୍ୱାସ ହେଉନାହିଁ । ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ବୈଦେଶିକ ମନ୍ତ୍ରଣାଳୟରେ କାନାଡାରେ ଭାରତୀୟ ହାଇକମିଶନର ଏବଂ ଅନ୍ୟ କୂଟନୀତିଜ୍ଞ ଓ ଅଧିକାରୀଙ୍କୁ ଅଯଥାରେ ହଇରାଣ କରିବା ଗ୍ରହଣୀୟ ନୁହେଁ ବୋଲି କାନାଡ଼ାର କାର୍ଯ୍ୟକାରୀ ଉଚ୍ଚାୟୁକ୍ତଙ୍କୁ ଜଣାଇ ଦିଆଯାଇଥିଲା ।

## କଲମ୍ବିଆ-ଭାରତ ବୁଝାମଣାପତ୍ର

ଭାରତ ଓ କଲମ୍ବିଆ ମଧ୍ୟରେ ଅଡିଓଭିଜୁଆଲ୍ କୋ-ପ୍ରଡକ୍ସନ ଚୁକ୍ତି ଆଜି ନୂଆଦିଲ୍ଲୀରେ ସ୍ୱାକ୍ଷରିତ ହେବ। ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍

ମୁରୁଗାନ୍ ଏବଂ  କଲମ୍ବିଆର ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ଜର୍ଜ ଏନ୍‌ରିକ୍ ରୋଜାସ୍ ରୋଡ୍ରିଗେଜ୍ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିବେ ।

ଏହି ଚୁକ୍ତି ଦ୍ୱାରା ଉଭୟ ଦେଶର ନିର୍ମାତାମାନେ ସେମାନଙ୍କର ସୃଜନଶୀଳ, କଳାତ୍ମକ, ବୈଷୟିକ ଓ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ ବୋଲି ଆଶା କରାଯାଉଛି । ଏହି ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ କଳା ଓ ସଂସ୍କୃତିର ଆଦାନ ପ୍ରଦାନ ହୋଇପାରିବ ଏବଂ ଉଭୟ ଦେଶର ଲୋକଙ୍କ ମଧ୍ୟରେ ସଦ୍‌ଭାବନା ଓ ଉନ୍ନତ ବୁଝାମଣା ସୃଷ୍ଟି ହେବ । ବର୍ତ୍ତମାନ ଭାରତର ୧୬ଟି ଦେଶ ସହ ସହ-ଉତ୍ପାଦନ ଚୁକ୍ତି ରହିଛି, ଯାହାଫଳରେ ଗତ ପାଞ୍ଚ ବର୍ଷ ମଧ୍ୟରେ ୨୯ଟି ପ୍ରକଳ୍ପ ସଫଳତାର ସହ ଶେଷ ହୋଇଛି ।

## ଅନୁସନ୍ଧାନ ନ୍ୟାସନାଲ୍ ଫାଉଣ୍ଡେସନ୍

ଅନୁସନ୍ଧାନ ଜାତୀୟ ଗବେଷଣା ସଂସ୍ଥା ପ୍ରଥମ ଦୁଇଟି ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ପ୍ରାରମ୍ଭିକ କ୍ୟାରିୟର ରିସର୍ଚ୍ଚ ଗ୍ରାଣ୍ଟ ଏବଂ ଅଧିକ ପ୍ରଭାବିତ ଅଞ୍ଚଳରେ ଇଲେକ୍ଟ୍ରିକ୍ ଯାନ ମିଶନର ଶୁଭାରମ୍ଭ କରିବାକୁ ଘୋଷଣା କରିଛି ।

ପ୍ରାରମ୍ଭିକ କ୍ୟାରିୟର ଗବେଷକମାନଙ୍କୁ ଦେଶର ବୈଜ୍ଞାନିକ ଉତ୍କର୍ଷତା ଏବଂ ଉଦ୍ଭାବନର ଅଗ୍ରଗତିରେ ଯୋଗଦାନ ଲାଗି ସୁଯୋଗ ଦେବେ । ଅନ୍ୟ ପକ୍ଷରେ, ଇଲେକ୍ଟ୍ରିକ୍ ଯାନ ଉପାଦାନ, ବିଶେଷକରି ବ୍ୟାଟେରୀ ସେଲ୍, ପାୱାର ଇଲେକ୍ଟ୍ରୋନିକ୍ସ, ମେସିନ୍ ଓ ଡ୍ରାଇଭ୍ସ ଏବଂ ଚାର୍ଜିଂ ଉପକରଣ  ପାଇଁ ଇକୋ

ସିଷ୍ଟମ୍ ସୃଷ୍ଟି କରିବ । ଏହାଫଳରେ ଶୈକ୍ଷିକ ଗବେଷଣା ଏବଂ ଶିଳ୍ପ ପ୍ରୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରାଯାଇ ପାରିବ ।

## ଗଡ଼କରୀ-ମୁଦ୍ରା ଉନ୍ମୋଚନ

ଆଧ୍ୟାତ୍ମିକ ଗୁରୁ ମାତା ନିର୍ମଳା ଦେବୀଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ନୂଆଦିଲ୍ଲୀରେ ଏକ ସ୍ମାରକୀ ମୁଦ୍ରାଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରୀ ଗଡ଼କରୀ କହିଛନ୍ତି ଭାରତର ସଂସ୍କୃତି ଓ ଐତିହ୍ୟ ସବୁବେଳେ ବିଶ୍ୱକୁ ଆକର୍ଷିତ କରିଥାଏ। ମାତା ନିର୍ମଳା ଦେବୀଙ୍କ ମହତ୍ କାର୍ଯ୍ୟ ଉପରେ ଆଲୋକପାତ କରି ଶ୍ରୀ ଗଡ଼କରୀ କହିଛନ୍ତି ଯେ ସେ ମାନବିକତାକୁ ଏକ ସକାରାତ୍ମକ ଦିଗ ଦେଇଥିଲେ।

## ବାୟୁ ଗୁଣବତ୍ତା

ବାୟୁ ଗୁଣବତ୍ତା ସୂଚକାଙ୍କ ୨୩୪ରେ ପହଞ୍ଚିବା ପରେ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ ସମଗ୍ର ଜାତୀୟ ରାଜଧାନୀ ଅଞ୍ଚଳରେ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ – ଜି.ଆର୍.ଏ.ପି.ର ଷ୍ଟେଜ୍-ଓ୍ୱାନ୍ ଲାଗୁ କରିଛି । ଏହାକୁ ଦୃଷ୍ଟିରେ ରଖି ଆଜି ସକାଳ ୮ଟାରୁ ସମଗ୍ର ଏନ୍‌ସିଆର୍‌ରେ ଜିଆର୍‌ଏପିର ଷ୍ଟେଜ-ଓ୍ୱାନ୍ ଅନୁଯାୟୀ ୨୭ ସୂତ୍ରୀ କାର୍ଯ୍ୟଖସଡ଼ା କାର୍ଯ୍ୟକାରୀ

କରାଯାଉଛି । ଦିଲ୍ଲୀ-ଏନ୍‌ସିଆର୍‌ର ବର୍ତ୍ତମାନର ବାୟୁ ଗୁଣବତ୍ତା ସମୀକ୍ଷା କରିବା ପାଇଁ ଗତକାଲି ବସିଥିବା ସିଏକ୍ୟୁଏମ୍ ସବ୍ କମିଟି ଏହି ନିଷ୍ପତ୍ତି ଗ୍ରହଣ କରିଛି । ନିଷ୍ପତ୍ତି ଅନୁଯାୟୀ ନିର୍ମାଣ ଏବଂ ଉଚ୍ଛେଦ  କ୍ଷେତ୍ରରେ ଆବଶ୍ୟକ ନିର୍ଦ୍ଦେଶାବଳୀ କାର୍ଯ୍ୟ କରିବା ଏବଂ ଡିଜେଲ୍ ଜେନେରେଟର୍ ବ୍ୟବହାର ଏବଂ କୋଇଲା ଓ କାଠ ଜଳାଇବା ଭଳି କାର୍ଯ୍ୟକଳାପ ଉପରେ ନିଷେଧାଦେଶ ଜାରି କରାଯାଇଛି ।

## ଆଇପିୟୁ-ଆସେମ୍ବ୍ଲି

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଭାରତ ସର୍ବଦା ବହୁପକ୍ଷବାଦର ଏକ ଦୃଢ଼ ସମର୍ଥକ। ୧୪୯ତମ ଆନ୍ତଃ ସଂସଦୀୟ ସଂଘ ବୈଠକରେ ସଂସଦୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ଶ୍ରୀ ବିର୍ଲା କହିଛନ୍ତି, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଉଦ୍ଭାବନ କ୍ଷେତ୍ରରେ ସଂସଦ ଗୁଡ଼ିକ ମଧ୍ୟରେ ଆଲୋଚନା ଓ ସହଯୋଗ ଜରୁରୀ । ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଉପଯୁକ୍ତ ନିୟାମକ ବ୍ୟବସ୍ଥା ଏବଂ ନାଗରିକଙ୍କ ତଥ୍ୟର ଗୋପନୀୟତାକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରି ଲୋକସଭା ବାଚସ୍ପତି କହିଛନ୍ତି ଯେ ଆଇପିୟୁ ଫୋରମ ଏବଂ ଜାତୀୟ ସଂସଦରେ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବା ଆବଶ୍ୟକ । ଜେନେଭାରେ ଆନ୍ତଃ ସଂସଦୀୟ ସଂଘ ବୈଠକରେ 'ଅଧିକ ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଉଦ୍ଭାବନର ଉପଯୋଗ' ଶୀର୍ଷକରେ ଉଦ୍‌ବୋଧନ ଦେଇ ଶ୍ରୀ ବିର୍ଲା ଏହା କହିଛନ୍ତି। ଆଇପିୟୁ ଭଳି ଏକ ମଞ୍ଚ ମାଧ୍ୟମରେ ସଂସଦଗୁଡ଼ିକ

ମିଳିତ କାର୍ଯ୍ୟ ଯୋଜନା ଏବଂ ପ୍ରୟାସ ମାଧ୍ୟମରେ ବିଶ୍ୱରେ ସାମଗ୍ରିକ ବିକାଶ ପାଇଁ ପଥ ପ୍ରଶସ୍ତ କରିବାରେ ସକ୍ଷମ ହେବେ ବୋଲି ଲୋକସଭା ବାଚସ୍ପତି ଆଶା ବ୍ୟକ୍ତ କରିଥିଲେ।

## ନାସା-ୟୁରୋପା କ୍ଲିପର୍

ମହାକାଶ ଅଭିଯାନ ପାଇଁ ନାସା ଦ୍ୱାରା ନିର୍ମିତ ସର୍ବବୃହତ ମହାକାଶଯାନ ୟୁରୋପା କ୍ଲିପରକୁ ଉତ୍କ୍ଷେପଣ କରାଯାଇଛି। ଏହି ମହାକାଶଯାନର ଉଦ୍ଦେଶ୍ୟ ହେଉଛି ବୃହସ୍ପତିଙ୍କ ଚନ୍ଦ୍ର ୟୁରୋପାରେ ଜୀବସତ୍ତା ପାଇଁ ଉପଯୁକ୍ତ ପରିସ୍ଥିତି ଅଛି କି ନାହିଁ ତାହା ଯାଞ୍ଚ କରିବା ଏବଂ ବରଫର ମୋଟା ଆସ୍ତରଣ ମଧ୍ୟରେ ରହିଥିବା ସମୁଦ୍ର ଉପରେ ଗବେଷଣା କରିବା । ଏହି ରୋବଟିକ୍ ଶୌରଚାଳିତ ମହାକାଶ ଯାନ ୫ ବର୍ଷ ୬ ମାସରେ ପ୍ରାୟ ୨ ଦଶମିକ୍ ୯ ବିଲିୟନ କିଲୋମିଟର ଯାତ୍ରା କରିବା ପରେ ୨୦୩୦ରେ ବୃହସ୍ପତି କକ୍ଷପଥରେ ପ୍ରବେଶ କରିବ । ୟୁରୋପା କ୍ଲିପରକୁ ବୃହସ୍ପତିର ବରଫଚନ୍ଦ୍ର ୟୁରୋପା ନାମରେ ନାମିତ କରାଯାଇଛି । ୟୁରୋପା କ୍ଲିପର ସୌରମଣ୍ଡଳର ସବୁଠାରୁ ବଡ଼ ଗ୍ରହ ବୃହସ୍ପତି ଚାରିପଟେ ତୀବ୍ର ବିକିରଣ ପରିବେଶରେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି ।

# ଇସ୍ରାଏଲ୍-ଲେବାନନ୍

ଲେବାନନ ଉପରେ ଇସ୍ରାଏଲ୍‌ର ଆକ୍ରମଣରେ ୨୧ ଜଣଙ୍କ ମୃତ୍ୟୁ ଘଟିଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇସ୍ରାଏଲର ଏକ ସାମରିକ ଘାଟି ଉପରେ ହିଜବୁଲ୍ଲାର ଡ୍ରୋନ୍ ଆକ୍ରମଣ ଓ ଅତି କମରେ ୪ ଜଣ ସୈନିକଙ୍କ ମୃତ୍ୟୁର ପ୍ରତିଶୋଧ ସ୍ୱରୂପ ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଛି । ଇସ୍ରାଏଲ ସେନା କହିଛି ଯେ ଦକ୍ଷିଣ ଲେବାନନରେ ହିଜବୁଲ୍ଲା ଦ୍ୱାରା ନିର୍ମିତ ୮୦୦ ମିଟର ଲମ୍ବର ଏକ ଭୂତଳ କମ୍ପାଉଣ୍ଡ ଠାବ କରାଯାଇଛି, ଯେଉଁଥିରେ କ୍ଷେପଣାସ୍ତ୍ର, ମୋଟର ସାଇକେଲ ଏବଂ ଖାଦ୍ୟ ସାମଗ୍ରୀ ରହିଛି ।

# ମହିଳା-ଟି-ଟ୍ୱେଣ୍ଟି

ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ମହିଳା ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଗତକାଲି ନ୍ୟୁଜିଲାଣ୍ଡ୍ ପାକିସ୍ତାନକୁ ୫୪ ରନ୍‌ରେ ପରାସ୍ତ କରିଛି । ଗ୍ରୁପ୍ ‘ଏ’ର ଦ୍ୱିତୀୟ ଦଳ ଭାବେ ନ୍ୟୁଜିଲାଣ୍ଡ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ବିନିମୟରେ ୧୧୦ରନ୍ ସ୍କୋର କରିଥିଲା । ୧୧୧ରନ୍‌ର ପିଛା କରି ପାକିସ୍ତାନ ଦଳ ମାତ୍ର ୧୧ ଓଭର୍ ୪ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୫୬ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଏଥିସହିତ ଭାରତୀୟ ଦଳ ମହିଳା ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି । ଗ୍ରୁପ୍ 'ଏ'ରେ ଭାରତ ୨ଟି ବିଜୟ ଓ ୨ଟି ପରାଜୟ ସହ ତୃତୀୟ ସ୍ଥାନରେ ରହିଛି। ପ୍ରଥମ ମୁକାବିଲାରେ ନ୍ୟୁଜିଲାଣ୍ଡଠାରୁ ୫୮ ରନରେ ପରାସ୍ତ ହେବା ଏବଂ ରବିବାର ଅଷ୍ଟ୍ରେଲିଆଠାରୁ ସାମାନ୍ୟ ପରାଜୟ ପରେ ଶ୍ରୀଲଙ୍କା ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ବିଜୟ ସତ୍ତ୍ୱେ ନକଆଉଟ୍‌ରେ ପ୍ରବେଶ କରିପାରିନଥିଲା। ଅଷ୍ଟ୍ରେଲିଆ ୪ଟି ଯାକ ମ୍ୟାଚ୍ ଜିତି ଗ୍ରୁପ୍ ଶୀର୍ଷରେ ଥିବା ବେଳେ ନ୍ୟୁଜିଲାଣ୍ଡ ୪ମ୍ୟାଚ୍‌ରୁ ୬ ପଏଣ୍ଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା।